# ବଗଲା-ବଗୁଲୀ

ବିଦିଆ ପାତ୍ର ଭୁଷଣ୍ଡପୁର ଗାଁ' ର ଚୌକିଆ । ଏଡ଼େବଡ଼ ଗାଁଟା କଣ୍ଡରା ବୋଇଲେ ବିଦିଆ ଏକୁଟିଆ । ଅଛବ ଲୋକଟା, ସେ କ' ଣ ଭଲଲୋକଙ୍କ ଘର ଲଗାଲଗିରେ ଘର କରିବ! ଗାଁମୁଣ୍ଡ ଦି' ମାଣ ଜମି ଛାଡ଼ି ପଦା ଢିଅରେ ଗୋଟିଏ ପଲାଘର । ଜାତିରେ ତ' କଣ୍ଡରା- ଚୌକିଆ ବାପୁଡ଼ା ବୋଲି ପୁଞ୍ଜି ନୁହେଁ । ହେଲେ, ଗାଁ ଲୋକେ ତାକୁ ମାନନ୍ତି । ସେ ଆଉ ଗାଁ ଚଉକିଆ ପରି ନୁହେଁ । ଚିତାଏ ଉଞ୍ଚା ମୂଳିବାଉଁଶ ଠେଙ୍ଗାଟାଏ କାନ୍ଧରେ ପକାଇ, "ଏ ରାମ ପଇଡ଼େ- ଜାଗତା, ଏ ନାଇକ ଘର- ହୁସିଆର" , ଏହିପରି ଡାକି ଡାକି ଦୁଆର ଦୁଆର ରାତିସାରା ବୁଲୁଥିବ । ବିଦିଆ ପାତ୍ର ଚୌକିଦାରୀ କଲାଦିନରୁ ଗାଁରେ କାହାରି ଘର ପିଢ଼ାରୁ ପୋଇଡଙ୍କଟାଏ ବି ଚୋରି ଯାଇ ନାହିଁ । କଥା କ' ଣ କି ମଫସଲ ଗାଁରେ ଚୋରମାନେ ଚୌକିଆ ଓର ନ ଧରିଲେ ଗାଁ ଭିତରେ ପଶିପାରନ୍ତି ନାହିଁ । ଫେର୍ ତା' ବାଦ୍ ବିଦିଆ ଗୋଟିଏ ପଞ୍ଝହତା ମରଦ । ଠେଙ୍ଗାଟାଏ ଧରିଥିଲେ ଦଶଜଣ ଭେଣ୍ଡିଆ ପାଖ ପଶିପାରିବେ ନାହିଁ । ଏଥିଲାଗି ତ ଚୋରଯାକ ଭରସି ଭୁଷଣ୍ଡପୁର ଗାଁ' ମୁହାଁ ହୋଇପାରନ୍ତି ନାହିଁ ।

ବିଦିଆର ବର୍ତ୍ତନ ମାଣେ ଦିଗବାରି ଜାଗିରି । ତା' ବାଦ୍ ଫସଲ ଅମଳ ବେଳେ ଗାଁର ସାନବଡ଼ ସମସ୍ତେ ବିଲ ମୁଣ୍ଡରେ ତାକୁ ଗୋଟାଏ ଗୋଟାଏ କଳେଇ ଦିଅନ୍ତି । ପାତ୍ରପୁଅ ସବୁବେଳେ ମନ ଆନନ୍ଦ ଥାଏ, ସବୁବେଳେ ହରେକୃଷ୍ଣ ହରେକୃଷ୍ଣ ଭଜୁଥାଏ । ଥିଲା ନ ଥିଲାକୁ ତା' ର ଶୋଚନା ନାହିଁ । ଘରେ ଅଛି, ଖାଇଲା- ନାହିଁ ଉପାସ ରହିଲା । ଜୀବନଟାଯାକ କାହାରିକୁ କିଛି ମାଗି ନାହିଁ, କାହରି ଦୁଆରେ ଅଦୁର୍ଯ୍ୟା ହୋଇ ନାହିଁ । କିଛି ଦୁଃଖରେ ପଡ଼ିଲେ ହାତଯୋଡ଼ି ଉପରକୁ ଅନାଇ ଜଣାଏ "ହରି ତୋ ମରଜି ।"

ବୁଢ଼ୀଟା ମଲାଦିନରୁ ବିଦିଆ ପାତ୍ର ସଞ୍ଜ ସଞ୍ଜ ଚାରିଟା ଖାଇଦେଇ ପୁଅକୁ ଧରି ବାହାରିଯାଏ । ଭାଗବତଘର ଆଗ ପିଣ୍ଡାତଳେ ଖଣ୍ଡେ ଛିଣ୍ଡା ଚାଟ ପାରିଦେଇ ପୁଅଟିକୁ ଶୋଇଦିଏ । ଭାଗବତ ଘରେ ପୁରାଣ ଗାଦି ବିଜେ । ଗାଁର ପୁରୋହିତ ବିଷ୍ଣୁ ପଣ୍ଡାଏ ପୁରାଣପଣ୍ଡା । ତାଙ୍କର ସେଥିକି କିଛି ବର୍ତ୍ତନ ନାହିଁ । ପୁରାଣ ବଢ଼ାଦିନ ଗାଁର ସାନବଡ଼ ସମସ୍ତଙ୍କୁ ଶଙ୍ଖୁଳା ହୁଏ । ପୁରାଣ ଶୁଣ ନ ଶୁଣ, ଆପଣା ମଗଦୁର ଭରି

କିଛି କିଛି ଦେବାକୁ ପଡ଼ିବ । ପଇସା ନାହିଁ ତ, କେହି ଦି' ମାଣ ଧାନ କାନିରେ ବାନ୍ଧିଆଣି ଢାଳି ଦେଇଗଲା । ସବୁଦିନେ ପୁରାଣ ହୁଏ । ଖାଲି ଉଆଁସ, ପୂନେଇଁ, ସଂକ୍ରାନ୍ତି, ଗୁରୁବାର ବନ୍ଦ । ପଣ୍ଡାଏ ଉଖୁଡ଼ା ପୁଞ୍ଜାଏ ନୋହିଲେ ଗୁଡ଼ ଟୋପାଏ ଭୋଗଦେଇ ହାତତାଳି ମାରି ଚାଲିଯାନ୍ତି । ସେସବୁ ଦିନରେ ଗାଁର ମୁଖିଆ ମୁଖିଆ ଲୋକ ଅଧରାତି ଯାଏ ବସି ଗାଁର ଭଲମନ୍ଦ, ହାରିଗୁହାରି କଥା ବୁଝାବୁଝି କରନ୍ତି ।

ଗାଁ'ର ବୁଢ଼ା ଭଳିଆ ଲୋକ ରୋଜ ରୋଜ ପୁରାଣ ଶୁଣିବାକୁ ଆସନ୍ତି । ଦେହ ବାଧିକି ଅବା ହାତରେ କିଛି ପାଇଟି ଥିଲେ, ଦିନେଅଧେ ଆସିପାରନ୍ତି ନାହିଁ । ମାତ୍ର ଭେଣ୍ଡିଆଟି ଦିନରୁ ଆଜିଯାଏ ଚାଳିଶ ପଚାଶ ବର୍ଷ ମଧ୍ୟରେ ବିଦିଆ ପାତ୍ର ହାଜର ହେବାର ଦିନେ ବି ଛୁଟଣ ନାହିଁ । ବାଧିକା ପଡ଼ିଲେ କୁଢେଇ କୁଢେଇ ବେଳେ ଆସିବ । ପୁରାଣ ଆରମ୍ଭ 'ଶ୍ରୀ ଶୁକଉବାଚ' କତିରୁ ଶେଷ 'ଭୀମାସ୍ୟାପି' ଯାଏ ହାତଯୋଡ଼ି ବସି ମନଦେଇ ଶୁଣୁଥାଏ । ପୁରାଣ ପାଠବେଳେ କୌଣସି ସ୍ଥାନରେ ଅର୍ଥର କିଛି ଅଖଞ୍ଜା ହେଲେ ସମସ୍ତେ ଅନାଇ କହନ୍ତି, "ପାତ୍ରପୁଅ ଏ ଜାଗାରେ ପାଠ କ'ଣ ହେଲା ?" ପାତ୍ର ହାତଯୋଡ଼ି, 'ଆଜ୍ଞା ସାଆନ୍ତମାନେ' କହି ଗୀତର ଏମନ୍ତ ସୁନ୍ଦର ଅର୍ଥ କରିଦିଏ ଯେ, ସମସ୍ତଙ୍କ ମନ ଖୁସି । ପାତ୍ରକୁ ଭାଗବତର ଢେର୍ ଜାଗା ପୈଟେ । ଅଧାକୁ ଅଧା ପାଠ ମୁହେଁ ମୁହେଁ କହିଯିବ । କଥା କହିବା ବେଳେ ଭାଗବତରୁ ଢେର୍ ଢେର୍ ପଦ ଦାଇକା ଦେଇ କହେ । ସାଆନ୍ତମାନେ ତାକୁ ପ୍ରଶଂସା କଲେ, ଦୁଇ ହାତରେ ଧୀରେ ଧୀରେ ଗାଲରେ ଚାପୁଡ଼ା ମାରି ହୋଇ କହେ, "ଆଜ୍ଞା ସାଆନ୍ତେ, ମୁଁ କଣ୍ଡରା ବାପୁଡ଼ା କ'ଣ ଜାଣେ, ସାଆନ୍ତମାନଙ୍କ ଚରଣରେଣୁ ସେବାକରି ଯା' ଦି' ପଦ ଶିଖିଛି ।"

ବିଦିଆ ପାତ୍ରର ପୁଅ ସପ୍ନାର ବିଭା ଲାଗି ଢେର୍ ଢେର୍ ଜାଗାରୁ କନ୍ୟାର ବାତିନି ଆସିଲାଣି । ଏଡ଼େବଡ଼ ଗାଁର ଚୌକିଆ, ତା' ପୁଅଲାଗି କ'ଣ କନ୍ୟାର ଅଭାବ ? ସପ୍ନା ପିଲାଟା ଯିମିତି ଦେଖିବାକୁ ଡଉଲ ଡାଉଲ, ଗୁଣ ବି ସେମିତି, କାମ ପାଇଟିକୁ ରାହୁ । ତାହାକୁ ଖୁବ୍ ମାନେ, ବାପା କଥା ତଳେ ପଡ଼ିବ ନାହିଁ । ବାପ ବାଧିକା ପଡ଼ିଲେ ଦିନରାତି ପାଖରେ ଜଗିବସି ସେବାରେ ଲାଗିଥିବ । ମକ୍ରାମପୁର ଚୌକିଆ ଦଣ୍ଡିଆପାତ୍ର ଝିଅ ଚେମୀକୁ ଦେଖି ବୁଢ଼ାର ମନ ମାନିଗଲା । ତାହାରି ସାଙ୍ଗରେ ସପ୍ନାକୁ ବାହା କରିଦେବା

କଥା ଠିକ୍ କଲା । ଯିମିତି ହେଉ, ଏଇ ବର୍ଷ ବିଭା କଲେ ବନେ । ଉଚ୍ଛୁଣି ପୁଅର ସତରବର୍ଷ ଚାଲିଛି, ଆଏନ୍ଦାକୁ ଯୋଡ଼ା ବୟସ ପଶିବ, ବିଭା ହେବ ନାହିଁ । ବିଭା କରାଇବି- ହଁ- ବୋଇଲା, ରଙ୍କ ତିରିଶା । ଯେତେ ଟାଣିଟୁଣି ଖରଚ କର, ତିରିଶ ଟଙ୍କାରୁ ଊଣା ନୁହେଁ । ଜାତିଭାଇମାନେ କ' ଣ ଛାଡ଼ିବେ ? ଏଡ଼େ ବଡ଼ ଚାକିରିଟାରେ ଅଛି, ନାମ ଡାକ, ନାହିଁ ବୋଇଲେ କିଏ ଶୁଣେ ? ଆଉ ନିକୁଛ ଦି' ବେଳ ତ ଜାତି ଗୋସାଇଁମାନଙ୍କୁ ମୁଖ ଧଉତ କରାଇବି । ହାତରେ ନାହିଁ ପଇସାଏ, ଯାହା କରିବେ, ଯାହା ଦେବେ ହରି । ଢେର୍ ବେଳଯାଏ ହାତଯୋଡ଼ି ପ୍ରଭୁଙ୍କୁ ଡାକିଲା, "ପ୍ରଭୁ ! ତୁମ ଇଚ୍ଛା ହେଲେ ପୁଅଟି ଦି' ହାତକୁ ଚାରିହାତ ହେବ ।" ଦିନେ ରାତିରେ ପୁରାଣପାଠ ସରିଲା ବାଦ୍ ଗାଁର ମୁଖଣ୍ଡ ମୁଖଣ୍ଡ ସାଆନ୍ତମାନେ ବସିଥା' ନ୍ତି । ବିଦିଆ ପାତ୍ର ହାତଯୋଡ଼ି ଜଣାଇଲା, "ଆଜ୍ଞା, ସାଆନ୍ତମାନଙ୍କ ହୁକୁମ ହେଲେ ପଦେ ଗୁହାରି ଜଣାଇବି । ଆଜ୍ଞା, ଆପଣମାନଙ୍କ ଚରଣଧୂଳି ଲାଗି ପୁଅଟି ପାରିଗଲାଣି । କନ୍ୟାଟିଏ ଠିକ୍ କରିଛି; ଆଜ୍ଞା ହେଲେ ହାତଛନ୍ଦା କରାଇଦେବି ।"

ସବୁ ସାଆନ୍ତ ବସି ମୁହଁ ଚାହାଁଚାହିଁ ହେଉଛନ୍ତି । କାହାରି ପାଟି ଫିଟୁ ନାହିଁ । ଜମିଦାର ବଳରାମ ନାୟକେ ଗୋଟାଏ କାମ ବାହାନା କରି ବିଦିଆ ପାତ୍ରକୁ ଆଉ ଆଡ଼େ ପଠାଇଦେଲେ । ତହିଁ ବାଦ୍ ସମସ୍ତଙ୍କ ମୁହଁକୁ ଚାହିଁ କହିଲେ, "ଦେଖନ୍ତୁ, ଗ୍ରାମର ସମସ୍ତ ମୁରବି ଲୋକେ ତ ଅଛନ୍ତି । ବିଦିଆ ଊଣା ପୂରା ପଚାଶ ବର୍ଷ ହେଲା ଗାଁ' ଟାକୁ ଆଗୁଳିଛି । ତା ବାହାଦୌଲତରେ ଚୋରିଚପାଟି କିଛି ଶୁଣା ନାହିଁ । କେବେ ସେ କିଛି ମାଗି ନାହିଁ । ମାଗିବା ଲୋକ ନୁହେଁ । ଲୋକଟି ଯେମିତି ସତ୍ୟବାଦୀ, ସେମିତି ଧାର୍ମିକ । ତା' ହାତରେ ପଇସାଏ ଥିବ ନାହିଁ ଜଣା । ଆସନ୍ତୁ ଆମ୍ଭେମାନେ ତା' ପୁଅକୁ ବାହା କରେଇଦେବା ।"

ସମସ୍ତେ ଏକାବେଳକେ କହିପକାଇଲେ, "ଆଜ୍ଞା । ଆଜ୍ଞା ! ସାଆନ୍ତ ଯାହା ଆଜ୍ଞା କଲେ ଠିକ୍ କଥା । ଆମେମାନେ ମନ ନ ଦେଲେ ସେ କିମିତି ଚଳିବ ?"

ଜମିଦାରଙ୍କ ଆଜ୍ଞାରେ ଅବଧାନେ ରଙ୍ଗାଧର ମହାନ୍ତିଏ ଧାଇଁଯାଇ ଲେଖନପତ୍ର ଘେନି ଆସିଲେ । ବିଭାଘରକୁ ଯାହା ଲୋଡ଼ା- ବିରି, ଚାଉଳ, ତେଲ, ଲୁଣ, ସୋରିଷ, ଖଲିପତ୍ର ଖଣ୍ଡିକ ସୁଦ୍ଧା ତାଲିକା ହେଲା ।

ପୁରୋହିତ କଣ୍ଡରା ବୈଷ୍ଣବ, ତା'  ପାଇଁ ମୂର୍ତ୍ତିଏ ଲୁଗା, ଚାରିଅଣା ଦକ୍ଷିଣା ସବୁ ତାଲିକାରେ ବସିଲା । ମଣିଷ ଚିହ୍ନି ସବୁ ଗାଁ'  ଯାକ ଭେଦା ହୋଇଗଲା ।

ଆଜି ଅଭଡ଼ା ମଙ୍ଗନ । ବିଭା ଆଉ ଦୁଇଦିନ ଅଛି । ସକାଳ ଦିନ ପହରକ ସମୟରେ ଜମିଦାରଙ୍କ ଦୁଆରୁ ଭାର ଯାଇ ପାତ୍ର ଦୁଆରେ ଜମା ହେଲା । ଜମିଦାର ଗାଁ' ର ସମସ୍ତଙ୍କ ଘରୁ ଡୁଣ୍ଡେଇ ଘରେ ଠୁଳକରି ରଖିଥିଲେ । ପାତ୍ରର ତ ସାତ-ପାଞ୍ଚ ଗୋଟିଏ ପଲାଘର, ପଦାର୍ଥ ସବୁ ରଖୁଛି କାହିଁ ? ଦୂରଦୂରାନ୍ତରୁ କୁଣିଆ କୁଟୁମ୍ବ ଆସି ରହିବାଲାଗି ବାପପୁଅ ଲାଗି ଖଜୁରିପିଞ୍ଚରେ କେତେ ବଖରା ଚାମୁଡ଼ିଆ କରି ପକାଇଥିଲେ । ସେଥିରୁ ଗୋଟାଏ ଘରେ ସବୁ ଜିନିଷ ରଖିଦେଲେ । କାଲି ବିଭା । ମଙ୍ଗନ ରାତିରେ ସବୁ କୁଣିଆ ପହଞ୍ଚିଗଲେ, ଖନ୍ଦା ଲାଗିଗଲା । ସେହି କୁଣିଆ ଭିତରୁ ଚାରିଜଣ ରାନ୍ଧୁଣୀ, ପରଷୁଣୀ ବାହାରିପଡ଼ିଲେ । ବୁଢ଼ା ପାତ୍ର ସାନ କତିରୁ ବଡ଼ଯାଏ ସବୁ ଜାତିପୁଅଙ୍କ ହାତ ଧରି, ଗୋଡ଼ ଧରି କହୁଥାଏ "ସାଆନ୍ତମାନେ, ଗୋସାଇଁମାନେ, ପଞ୍ଚୁ ଠାକୁରମାନେ, ଏ କାମ ଆପଣମାନଙ୍କର, ପୁଅ ଆପଣମାନଙ୍କର, କାମ ତୁଲେଇ ନେଉନ୍ତୁ ।"  ସତକୁ ସତ ସମସ୍ତେ କାମ ତୁଲାଇ ନେଲେ, ବିଭା ହୋଇଗଲା । ଜାତିପୁଅମାନେ ଖୁସି ହୋଇ ବିଦା ହୋଇଗଲେ । ଯିବାବେଳେ ବାଟରେ କୁହାକୁହି ହେଇ ଯାଉଥାନ୍ତି, "ଜାତି ଭିତରେ ଏଡ଼େ କାର୍ଯ୍ୟଟା କେହି କରି ନାହିଁ । ସବୁ ଜାତିପୁଅଙ୍କୁ କିଏ ବରଣିଥାଏ ? ଖୁଆଇ ପିଆଇ ଭୋର କରିଦେଲା । ତାଟିଆକୁ ତାଟିଆ ବିରିଡାଲି, ବାଛୁରି ପରି ବଡ଼ ବଡ଼ ପୁଞ୍ଜାଏ ଗାରଡ଼ ବାନ୍ଧିଦେଲା, ଚାରି ମାଠିଆ ତାଡ଼ି, କେତେ ପିଇବ ପିଅ । ଧନ୍ୟ ଧନ୍ୟ,ସେମିତିକା ସାଆନ୍ତମାନଙ୍କୁ ଖଟିଛି ଏକା ।"

ବୋହୂଟି ଘରକୁ ଆସିଲା । ଦେଖିବାକୁ ବେଶ୍ ଡଉଲଡାଉଲ, କିଏ କହିବ କଣ୍ଡରା ଘରର ଝିଅ ? କରଣ ଖଣ୍ଡାଏତ ଘରର ଝିଅ ପରି ଦିଶେ । ଗୁଣ ବି ସିମିତି, ତା'  ହାତରନ୍ଧା ମଦରଙ୍ଗା ଶାଗଖରଡ଼ା, ଚେଙ୍ଗମାଛ ତିଅଣ, କଙ୍କଡ଼ା ସିଝା ଯିଏ ଖାଇଚି, ପାସୋରି ପାରିବ ନାହିଁ । ଏ କଥାଗୁଡ଼ାକ ଏକା ବୁଢ଼ା ପାତ୍ର ମୁହଁରୁ ଶୁଣି ଲେଖୁଛୁଁ । ଘଷି ସାଉଁଟିବା, ଗୁଣ୍ଡିକାଠ ଗୋଟେଇବା, ଗାତ ଭିତରୁ କଙ୍କଡ଼ା ଧରି ଆଣିବା, ସବୁ ଗୁଣରେ ପୂରା । ସଞ୍ଜବେଳେ ବୁଢ଼ା ଗାଁରୁ ବୁଲି ଆସିଲେ, ବୋହୂ ଠେକିଏ ପାଣିରେ ଗୋଡ଼ ଧୋଇଦିଏ ।

ସାଙ୍ଗେ ସାଙ୍ଗେ ତିନି ପୁରୁଷର ବାସନ ଭଙ୍ଗା ପଥୁରିରେ ଭାତ, ଚାକୁଣ୍ଡା ଶାଗଖରଡ଼ା, କଙ୍କଡ଼ାପୋଡ଼ା, ଡେଙ୍ଗ କୁଟୁରୀ ଅଣ, ତିନି ତିଅଣ କରି ପରଷି ଦିଏ । ବୁଢ଼ା ଏତେ ତିଅଣ କେବେ ଖାଉଥିଲା ? ତେନ୍ତୁଳି ଫୁଟେ ଲୁଣଟିକକୁ ଭାତ ନିଅଣ୍ଟ । ବୋହୂର ଏସବୁ ଗୁଣ ଦେଖି ବୁଢ଼ା ଦିନେ ନିରୋଳାରେ ବସି ଢେର୍ 'ହାୟ! ହାୟ!' କରି କାନ୍ଦିଲା । ଏଡ଼େ ଭାଗ୍ୟଟା ହୀନକପାଳୀ ବୁଢ଼ୀ ଦେଖିପାରିଲା ନାହିଁ ।

ବିଭା ଚାରି ଛ' ମାସ ବାଦ୍- ଦିନ ପହରେ ହେଲାଣି, ବୁଢ଼ା ବିଛଣାରୁ ଉଠି ନାହିଁ । ସପ୍ନା ପଚାରିଲା, "କିଲୋ ବାପ, ଏତେବେଳଯାଏ ଶୋଇଛୁ ?" ବୁଢ଼ା ପୁଅବୋହୂଙ୍କୁ ପାଖରେ ବସାଇ କହିଲା, "ଆରେ ସପ୍ନା, ମୋ ସାଙ୍ଗରେ ଯାଇ ପିଲାଦିନୁ ପୁରାଣ ଶୁଣିଛୁ, ଢେର୍ କଥା ମୁଁ ବି ଶିଖେଇଛି, ମନରେ ରଖିବୁ-

ଚୋରି ନାରୀ ଖୁଣି- ନ କରି ରହି ଯା ପୁଣି ।

ଲୋଭ ନ କରିବୁ ପର ଧନେ-

ମିଛ ନ କହିବୁ କଦାଚନେ ।

ବୋହୂଲୋ- ଏଇ ସପନା ହେଲା ତୋ ଖାଉନ୍ଦ- ତୋ ଠାକୁର ଦେବତା- ୟା' କଥା ଏଡ଼ିବୁ ନାହିଁ । ମୋର ଦେହଟା କିମିତିକା ଦେଖୁଛି, ଆଉ ବର୍ତ୍ତିବି ନାହିଁ ।"

ପୁଅବୋହୂ ଦୁହେଁ ଢେର୍ କାନ୍ଦିଲେ । ଚାରିପାଞ୍ଚଦିନ ଖିଆ ଶୁଆ ଛାଡ଼ି ବୁଢ଼ାର ଢେର୍ ସେବା କଲେ । ବଡ଼ ବୁଢ଼ା ହୋଇଥିଲା, ଦିନ ଛ' ଟା ଜରରେ 'ହରି ହରି' କହି କହି ଚାଲିଗଲା । ପୁଅବୋହୂ ଢେର୍ କାନ୍ଦିଲେ । ଗାଁ ଲୋକେ 'ହାୟ! ହାୟ!' କହିଲେ, ନୀଚ କୁଳରେ ଇମିତିକା ସତ୍ୟବନ୍ତ ଧାର୍ମିକ ଦେଖି ନାହିଁ ।

ବୁଢ଼ାର ଶୁଧବାଦ ଗଲାଣି । ଦିନେ ସପ୍ନା ଚେମୀ ବସି ବିଚାର କଲେ-

ସପ୍ନା- ହଇଲୋ ବୋଉ, ମୁଁ ଚାକିରିରୁ ଇସ୍ତାଫା ଦେବି । ଏକୁଟିଆ ଘରେ ପକାଇ ରାତିରେ କିମିତି କରି ଗାଁ ବୁଲିଯିବି ?

ସପ୍ନା ଯା’ କହେ, ସବୁ କଥାରେ ଚେମୀର ‘ହଁ’ । ହେଲେ ଚାକିରି ଛାଡ଼ି ଦେବାଟା ତା’ ମନକୁ ମାନିଲା ନାହିଁ । କହିଲା, “ଏ ଖାଉନ୍ଦ । ତମେ ତ ଚାକିରି ଛାଡ଼ିବ, କିମିତି ଖାଇବା ପିନ୍ଧିବା ?”

ସପ୍ନା- ମୁଲକରେ ଏତେ ବିଲ - ଗାଁରେ ଏତେ ପୋଖରୀ ଗାଡ଼ିଆ - ଭାତ ତୁଣ କ’ଣ ଊଣା ହେବ ?

ଚେମୀ- ତମ ମନକୁ ଯା ଲାଗେ, କର ।

ରାତିରେ ଗାଁର ସାଆନ୍ତମାନେ ଭାଗବତ ଘରେ ବସିଛନ୍ତି, ସପ୍ନା ବେକରେ ଗାମୁଛାଖଣ୍ଡ ପଟକା ପକାଇ ହାତଯୋଡ଼ି କହିଲା, “ଆଜ୍ଞା ସାଆନ୍ତମାନେ ! ମୋ ସାତପୁରୁଷ ଆପଣମାନଙ୍କ ଚରଣରେଣୁ ଗୋଲାମ୍- ଚରଣରେଣୁ ନୁଣ ଖାଇଲେ- ମୁଁ ଏଣିକି ଚାକିରି କରିପାରିବି ନାହିଁ । ଆପଣମାନଙ୍କ ଚରଣରେଣୁରେ ଇସ୍ତଫା ଦେଲି” । ସାଆନ୍ତମାନେ ଆପଣା ଆପଣା ମଧ୍ୟରେ ଢେର୍ ବେଳଯାଏ ବିଚାର କଲେ, ଶେଷରେ ଜମିଦାର ବଳରାମ ନାୟକେ କହିଲେ, “ନାହିଁରେ, ତୋ ଇସ୍ତଫା ନିଆଯିବ ନାହିଁ । ଯିମିତି ଚୌକିଆ ଥିଲୁ, ସେମିତି ଥିବୁ । ହେତା ହଳା ସବୁ ପାଇବୁ । ଗାଁ ବୁଲି ନ ଆସିବୁ ପଛକେ ।”

ସପ୍ନା ଆସି ବୋହୂକୁ ସବୁ କହିଲା । ଚେମୀ ମନ ତ ଭାରି ଖୁସି, “ଏ ଖାଉନ୍ଦ, ଭଲ କଲ, ଚାକିରି ଥାଉ ମୁଁ ଇମିତି ସାନ ହେଲି- ଡରି ଗଲି । ବଡ଼ ହେବି, ଡରିବି ନାହିଁ, ତମେ ଗାଁ ବୁଲି ଯିବ । ମୁଁ ପଲାରେ ଶୋଇଛି, ଡର ମାଡ଼ିଲା, ପାଟି କଲି, ଧାଇଁଆସିଲ । ବାଘ ନା ଭାଲୁ, କିଆଁ ଡରିଲି ? ମୋ ମା କହିଲା-

‘ଡର କାହାକୁ ଭୟ କାହାକୁ

ଠାକୁର ଅଛନ୍ତି ଚାରି ବାହାକୁ ।’

ହଁ ଖାଉନ୍ଦ! ଆମ ଗାଁରେ ବୁଢ଼ୀମଙ୍ଗଳା ଠାକୁରାଣୀ ଅଛନ୍ତି, ସେ ମଣିଷ ଦୁଃଖ ଶୁଣନ୍ତି । ତମେ ଠାକୁର ହରି ହରି କୁହ, ବୁଢ଼ା ଶଶୁରେ ସବୁଦିନେ କହୁଥିଲେ, ହରି କାହିଁ ? ଆଚ୍ଛା, ଗାଁରେ ବାଡ଼ି ପଡ଼ିଲେ ତାକୁ ପୂଜା ଦେଲେ ଯୋଗିନୀ ପଳେଇବ ନା ?

ସପ୍ନା– ନାହିଁ ଲୋ ବୋଉ– ହରି ଯେ ବଡ଼ ଠାକୁର, ସେ ଖାଇବାକୁ ପିଇବାକୁ ସବୁ ଦେଉଛନ୍ତି, ଆମର ସବୁ କାମ ଦେଖୁଛନ୍ତି, ମନକଥା ଜାଣୁଛନ୍ତି । ଆମେ ଭଲ କାମ କରିବା. ତାଙ୍କୁ ଭଜିବା, ସେ ସୁଖ ଦେବେ । ମନ୍ଦ କାମ କଲେ, ତାଙ୍କୁ ଅମାନ୍ୟ ହେଲେ, ସେ ଦୁଃଖ ଦେବେ ।

ଚେମୀ– ସବୁକଥା ତ ହରି ଦେଖିବ, ଅଳିଆ କାମ କଲେ ଦୁଃଖ ଦବ, ବାପ ଲୋ! ମୁଁ ସିମିତି କାମ କରିବି ନାହିଁ, ସବୁବେଳେ ତମ ପରି ହରିଙ୍କୁ ଡାକିବି । ଏ ଖାଉନ୍ଦ! ମତେ ଭଲ ପାଇଟି ଶିଖାଇଦିଅ । ମା' କହିଛି ତମ କଥା ମାନିବି– ତେମେ ଯା କହିବ, ସବୁ ଶୁଣିବି ।

ଗେରସ୍ତ ଭାରିଯା ଦୁଇଟି ପ୍ରାଣୀ ସବୁବେଳେ ଏକ ସାଙ୍ଗରେ ଥା' ନ୍ତି, ଛାଡ଼ବାଡ଼ ଥାଏ ନାହିଁ, ଜଣକୁ ନ ପଚାରି ଆରଜଣକ କିଛି ପାଇଟି କରେ ନାହିଁ । ଜଣକ ମନରେ ଦେହରେ ଦୁଃଖ ହେଲେ ଆଉଜଣକ କାନ୍ଦିପକାଏ । ସପ୍ନା ସାଆନ୍ତଘର ପାଇଟିକୁ ଗଲେ ଚେମୀ ଟୋକେଇଟିଏ କାଖେଇ ପଛେ ପଛେ ଯାଏ । ସପ୍ନା ବିଲରେ କାମ କରୁଥିବାବେଳେ ଚେମୀ ଘଷି ସାଉଁଟେ । ହିଡ଼ତଳୁ ପିତାଶାଗ, ମଦରଙ୍ଗା ଶାଗ ତୋଳେ, ଗାତରୁ କଙ୍କଡ଼ା ଧରେ ।

ସପ୍ନା ଏକୁଟିଆ ଅଲଗା ପାଇଟି କରେ, ପାଞ୍ଚଜଣ ମୂଲିଆଙ୍କ ସାଙ୍ଗରେ ଥାଏ ନାହିଁ । କେହି ଦୁଷ୍ଟଲୋକ ଟାପରା କରି କଥା ପଦେ କହିଦେବ ପରା ! ଆଉ ଦୁଇଜଣ ମନଫିଟାଇ କଥାଭାଷା ହୋଇପାରିବେ ନାହିଁ ।

ସପ୍ନା ପାଞ୍ଚମାଣ ଧାନ ମୂଲ ପାଏ । ବୁଢ଼ା ଅମଳରୁ ଘରେ ଗୋଟାଏ ଭଙ୍ଗା ମାଣ ଅଛି, ଚେମୀ ମାପି ପକାଏ । ଆଗ ମାଣେ ମାପି ବୁଢ଼ା ଅମଳର ଗୋଟାଏ ଭଙ୍ଗା ମୁଣ୍ଡି ମାଠିଆରେ ପୂରାଇ ରଖିଦିଏ । "ଏ ଖାଉନ୍ଦ ! ଦେହ ଅଛି, ପା' ଅଛି, ଘରେ ବସି ଖାଇବା ।" ମାଣେ ଧାନ ଦେଇ ତେଲ ପାହୁଲାକର, ଲୁଣ ପାହୁଲାକର, ଧୂଆଁପତର ଅଧପାହୁଲାଏ, ହଳଦୀ ଅଧପାହୁଲାଏ ହିସାବ କରିଦେଇ ଶାମ ସାହୁ ତେଲୀ ମହାଜନ ଦୋକାନକୁ ସପ୍ନାକୁ ପଠାଇଦିଏ । ଆଉ ତିନିମାଣ ଧାନ ହାତ ପାହାରଣାରେ କୁଟିପକାଏ । ଚାଉଳ ବାହାର କରି ନେଇ ତଷୁଗୁଡ଼ିକ ଗୋଟିଏ ଭଙ୍ଗା ଟୋକେଇରେ ଜମାକରି ରଖିଥାଏ, ଦୁଇ ଚାରିଦିନ

ବାଦ୍ ସେଇ ତଷୁ କୁଟି ସେଥିରୁ କୁଣ୍ଡା ବାହାର କରିନିଏ । ମୁଠାଏ ଚାଉଳ ପକାଇ ସେ କୁଣ୍ଡା ମିଶାଇ ପିଠଉ ବାଟି ଦେଇ ଗୋଟାଏ ପୋଡ଼ପିଠା କରିଦିଏ । ତଷୁରେ ଗୋବର ଲଗାଇ ଘଷି ପାରେ । ସପ୍ନା କହେ, "ଚେମୀ ସବୁ ଗୁଣରେ ଫରାକତ୍ । ତା' ପରି ଚାଉଳ କୁଟିବ କିଏ ?"

ସପ୍ନା ଦୋକାନରୁ ବାହୁଡ଼ିବା ବେଳକୁ ଚେମୀ ଭାତ ରାନ୍ଧି ରଖିଥାଏ । ଦୋକାନ ସଉଦା ଭଲକରି ଦେଖି ସାଇତି ରଖେ । ତାହା ବାଦ୍ ଟୋପାଏ ତେଲ ପକାଇ ଶାଗଟା ଖରଡ଼ି ପକାଏ, କଙ୍କଡ଼ା ଛେଚି ଦେଇ ଟୋପାଏ ତେଲ ଲୁଣ ଗୋଳାଇଦିଏ, ମାଛ ଥିଲେ ଟୋପାଏ ତେଲ ପକାଇ ଅଣ କରିଦିଏ । ବୁଢ଼ା ଭଙ୍ଗା ପଥୁରିରେ ସପ୍ନାକୁ ଭାତ ପରଷି ଦେଇ ପାଖରେ ବସେ । ରାଣନିୟମ ଦେଇ ବଳେଇ ବଳେଇ ଦୁଇଗୁଣ୍ଡା ଅଧିକ ଖୁଆଏ । ଚେମୀ ବଡ଼ ଘରଣୀ । ଝୋଟ ଅମଳବେଳେ ସାଆନ୍ତମାନଙ୍କ ଦୁଆରୁ ସଳିତା କାଠି ଆଣି ବିଡ଼ାବାନ୍ଧି ରଖିଛି, ଖାଉନ୍ଦ ଭାତ ଖାଇବାବେଳେ ଗୋଟାଏ କାଠି ଜାଳି ଆଲୁଅ ଦେଖାଏ । ସପ୍ନାର ଖିଆ ହୋଇଗଲେ ସେ ଅଇଁଠା ପଥୁରିରେ ଆପଣା ଭାତ ବାଢ଼ି ଖାଏ । ଭଲମନ୍ଦ ଯେ ପଦାର୍ଥ ଘରକୁ ଆସୁ, ସପ୍ନା ଆଗେ ନ ଖାଇଲେ ଚେମୀ ଖାଇବ ନାହିଁ । ଦି' ଜଣଙ୍କ ଖିଆପିଆ ହୋଇଗଲେ ବାକି ଭାତଗୁଡ଼ିକ ପଖାଳି ତହିଁ ଆର ଦିନକୁ ରଖିଦିଏ । ଓଳିଏ ରୋଷେଇ, ଦୁଇ ଓଳିକୁ ଜାଳ କାହିଁ? ଆହୁରି ଗୋଟାଏ କଥା, ସକାଳଓଳି ପାଇଟିରୁ ଆସିବାକୁ ଦିନ ଦି' ପହର, ଭୋକବେଳେ କ' ଣ ରନ୍ଧାକୁ ତର ସହିବ? ବର୍ଷାଦିନେ ଜାଳ ମିଳିବ ନାହିଁ ବୋଲି ଖରାଦିନେ ଘଷିପାରି ଓଳି ପନ୍ଦାଡ଼ରେ ଟାଙ୍ଗି ରଖିଦେଇଛି ।

ସପ୍ନା-ଚେମୀ ଦୁଇଟି ପ୍ରାଣୀ ଖୁବ୍ ଆନନ୍ଦରେ ଅଛନ୍ତି । ସାହୁର ଦେଣା ନାହିଁ କି ରଜାର ଖଜଣା ନାହିଁ । ଦିନେ ସୁଦ୍ଧା ଘରେ ଅନ୍ନ ଛୁଟଣ ନାହିଁ । ମନରେ କିଛି ଭାବନା ନାହିଁ, ଖାଇବା କଥା ପଡ଼ିଲେ ଦୁଇ-ଜଣଯାକ କହନ୍ତି, ମୁଲକରେ ଏତେ ବିଲ, ଗଡ଼ିଆ ପୋଖରୀ ଥାଉଁ ଥାଉଁ କ' ଣ ଦି' ଟା ପ୍ରାଣୀ ପେଟ ପୂରିବ ନାହିଁ । ଚେମୀ କହେ, "ଏ ଖାଉନ୍ଦ ! ତେମେ କାହିଁକି ପର ପାଇଟିକି ଯିବ । ବାଲୁଙ୍ଗା ଝାଡ଼ି ଆଣିଲେ ତ ଆମର ଛ' ମାସ ମେଣ୍ଟିଯିବ ।" ବେଳ ଜାଣି ଚେମୀ କୁଲାଟାରେ କାଠି ଖଣ୍ଡେ ବାନ୍ଧି ଢେର୍ ବାଲୁଙ୍ଗା ଝାଡ଼ିଆଣି ଘରେ ରଖେ । ଖାଉନ୍ଦକୁ ବାଧିବ ବୋଲି ଚେମୀ ରୋଜ ରୋଜ ତାକୁ ପାଇଟିକୁ ପଠାଏ ନାହିଁ,

ବାଲୁଙ୍ଗାରେ ଅନ୍ନ ଚଳାଏ । ଯେଉଁଦିନ ସପ୍ନା ସାଆନ୍ତଘର ପାଇଟିକୁ ନ ଯାଏ, ସେଦିନ ଦୁଇଜଣ ପୋଖରୀ ପୋଖରୀ ବୁଲି ବୁଲି କଛିମ, କଙ୍କଡ଼ା, ମାଛ ଧରି ଆଣନ୍ତି । ସେଦିନ ଚେମୀ ଢେର୍ ରକମ ତିଅଣ ରାନ୍ଧେ, ଦୁଇଜଣଙ୍କର ଭାରି ଆନନ୍ଦ ।

ରାତିରେ ଚେମୀ ରନ୍ଧାବଢ଼ା କରୁଥିବା ବେଳେ ସପ୍ନା ହରିଣୀ ସ୍ତୁତି, ଗଜସ୍ତୁତି ଗାଏ । ଭାଗବତ ବି ଢେର୍ ପଦ ଶିଖିଛି, ଏଠୁ ସେଠୁ ଢେର୍ ପଦ ଗାଏ । ଚେମୀ କାନଡେରି ଶୁଣୁଥାଏ । ପଢ଼ାପଢ଼ି ସରିଲେ, 'ଠାକୁର-ହରି, ଦୟାକର' କହି ହାତଯୋଡ଼ି ଭୂମିରେ ଢପ ଢପ କରି ତିନିଥର ମୁଣ୍ଡିଆ ମାରେ, ତା' ବାଦ୍ ସପ୍ନା ଗୋଡ଼ତଳେ ତିନିଥର ଜୁହାର ହୋଇ ତା' ପାଦରୁ ଧୂଳି ନେଇ ମୁଣ୍ଡରେ ମାରେ । ପ୍ରତିଦିନ ସଞ୍ଜବେଳେ ଏହିପରି କରେ । ଯେଉଁଦିନ ହାତରେ କିଛି ପାଇଟି ନାହିଁ, ଦୁଇଜଣ ଦୁଇଜଣଙ୍କୁ ଅନାଇ ପିଣ୍ଡାଟାରେ ବସିଥା'ନ୍ତି ।

ବୁଢ଼ା ରାମ ପରିଡ଼ାକୁ ସପ୍ନା ଅଜାସାଆନ୍ତ ବୋଲି ଡାକେ, ତାଙ୍କରି ଘରେ ଢେର୍ ଦିନ ପାଇଟି କରେ । ପରିଡ଼ା ବୁଢ଼ା ଦିନେ ଦିନେ ସପ୍ନାକୁ ଡାକିବାକୁ ଆସି ଦେଖେ, ଦୁଇଜଣ ଏକା ଜାଗାରେ ବସିଛନ୍ତି-ଟାପରା କରି କହେ, "କିରେ ସପ୍ନା, ତୁମେ ଦୁଇଟା ଯେ ବଗଲା-ବଗଲୀ ପରି ବସିଛ !" ରୋଜ ରୋଜ ଟାପରା କରି ବଗଲା-ବଗଲୀ ବୋଲି କହୁଁ କହୁଁ ପରିଡ଼ାର ଅଭ୍ୟାସ ହୋଇଗଲାଣି । ସବୁବେଳେ ଡାକେ, "ଆରେ ବଗଲା, ଆଲୋ ବଗୁଲୀ!" ତା' ଶୁଣାଶୁଣି ଗାଁଲୋକେ ବି ଡାକିଲେଣି ବଗଲା ପାତ୍ର । ଗାଁ ମାଇକିନିଆମାନେ ବି ଚେମୀକୁ ଟାପରା କରି କହନ୍ତି, "ଆଲୋ ବଗୁଲୀ, ତୋ' ବଗଲା ଲାଗି କ'ଣ ରାନ୍ଧିଥିଲୁ ?" ସତକୁ ସତ ସମସ୍ତେ ଦେଖୁଛନ୍ତି, ସବୁଦିନେ, ସବୁବେଳେ ବଗଲା ବଗୁଲୀ ପରି ଦୁଇଜଣ ଏକା ସାଙ୍ଗରେ ଅଛନ୍ତି । ଶେଷକୁ ଗାଁରେ ନାମ ହୋଇଗଲାଣି- ବଗୁଲା-ବଗୁଲୀ ।

ବର୍ଷାଦିନରେ ବଗଲା-ବଗୁଲୀର ଭାରି ଆନନ୍ଦ । ବିଲ ବଛାବେଳେ ଦୁଇଜଣଙ୍କୁ ପାଇଟି ମିଳେ । ସପ୍ନାର ମୂଳ ପାଞ୍ଚମାଣ, ଚେମୀର ଚାରିମାଣ, ଖାଇପିଇ ପାଞ୍ଚମାଣ ଧାନ ବଳିପଡ଼େ ।

ଏଇଟା ବଡ଼ ଭଲ ବର୍ଷ । ଅର୍ଜନ ଚାରିଆଡ଼େ । ପଛପାଣିଆ ଯୋଗୁଁ ସମସ୍ତଙ୍କ ବିଲ ବଛା ଏକ ସାଙ୍ଗରେ । ମୂଲିଆ ମିଳୁ ନାହାନ୍ତି । ମୂଲ ବଢ଼ିଯାଇଛି, ସପ୍ନାର ମୂଲ ଛ’ ମାଣ, ଚେମୀର ପାଞ୍ଚମାଣ । ଘରେ ଧାନ ଗୋଟାଏ ମାଠିଆ, ଯୋଡ଼ାଏ ତାଡ଼ିଆ ଭର୍ତ୍ତି ହୋଇ ସପ୍ନା ଗୋଟାଏ ସାନ ଓଳିଆ ବାନ୍ଧି-ଦେଲାଣି । ଲକ୍ଷ୍ମୀ ଆଲିଙ୍ଗନ କଲାବେଳେ ଚାରିଆଡୁ ଅର୍ଜନ ମିଳେ । ବିଲ ବଛାବେଳେ ହାତରେ କଙ୍କଡ଼ା ଚେଙ୍ଗ ପଡ଼ିଯାଏ, ହିଡ଼ମୂଳରେ ମଦରଙ୍ଗା, କାନସିରି ଶାଗ ବଲବଲ, କାମ ଉଠାଣି ହାତ ବୁଲାଇଦେଲେ ଦିନ ତମାମ ଚଳିଲା । ଏ ବାଦେ ଚେମୀ ବିଲ ଟିକରା ମୂଳରୁ କାଇଁଶ କାଟିଆଣି ଗୋଟାଏ ଖଇଞ୍ଚି ବୁଣିଛି । ଚେମୀକୁ ଢେର୍ ପାଇଟି ଆସେ । କାଇଁଚ ପାଛିଆ ବୁଣି ଗାଁ ବୋହୂଝିଅଙ୍କୁ ବିକି ଚାଉଳ ଧାନ ଆଣେ । ଦୁଇଜଣ ବିଲ ବଛା ପାଇଟିରେ ଲାଗିଥିବାବେଳେ ଖଇଞ୍ଚିଟି ପାଣିମାହାରା ହିଡ଼ମୂଳରେ ବସାଇ ଦେଇଥା’ ନ୍ତି । ପାଇଟି ଉଠାଣି ବେଳକୁ ଚେଙ୍ଗ କୁଟୁରୀ, କଉ, ଟିପିରି, ଶେଉଳ, ପହଣା  ଖଇଞ୍ଚିରେ ଭର୍ତ୍ତି । ଦିନେ ଦିନେ ଦୁଇ ତିନିଥର ଖଇଞ୍ଚିଟା ଝାଡ଼ି ପକାନ୍ତି ।

ଆଜିକାଲି ସଞ୍ଜବେଳେ ଦୋକାନୀ ଦୁଆରକୁ ଧାନ ଘେନିଯିବାକୁ ହୁଏ ନାହିଁ, ମାଛ ଦି’ ହତା ଘେନିଗଲେ ତେଲଲୁଣ ଧୂଆଁପତ୍ର ସବୁ ମିଳିଗଲା । ଚେମୀ ଦି’  ନଉତି ସରିକି ପିତାଶୁଖୁଆ ଶୁଖାଇ ଚାରିମାସ ତିଅଣକୁ ଥାତି ବାନ୍ଧି ସାରିଲାଣି । ଭଲକରି ଶୁଖାଇ ଶୁଖୁଆଗୁଡ଼ିକ ଗୋଟିଏ ପାତିଆରେ ପୂରାଇ ଘର ଶ୍ରେଣୀରେ ଟଙ୍ଗା ଶିକାଟିରେ ଥୋଇଦେଇଛି । ଆଜିକାଲି ଦି’  ପ୍ରାଣୀ ଭିତରେ ଆନନ୍ଦର ସୀମା ନାହିଁ ।

ଅଶିଣମାସିଆ ଦିନେ ରାତି ଘଡ଼ିକବେଳେ ଦି’ ଜଣଙ୍କର ଖିଆପିଆ ସରିଲାଣି । ଚେମୀ ଗୁଡ଼ାଏ ବିଲମାଛ ବୁଢ଼ୀ ପରିଡ଼ାଣୀକୁ ଦେଇ ମାଟି-କୁମ୍ପାରେ କୁମ୍ପାଏ କରଞ୍ଜତେଲ କିଣିଆଣି ଘରେ ଥୋଇ ଦେଇଛି । ମଫସଲର ଚାଷବନ୍ଦି ଘରେ ସମସ୍ତେ ଖରାଦିନେ ତେଲୀ ଦୁଆରୁ କରଞ୍ଜ ପେଡ଼ି ଆଣି ବର୍ଷା ଦିନ ଲାଗି ତେଲ ସାଇତି ରଖିଥା’ ନ୍ତି । ଦିନଯାକ ପାଣି କାଦୁଅରେ ବୁଲି ବୁଲି ଗୋଡ଼ଯୋଡ଼ାକ ପାଣି ଖାଇ ସିଠୁଆ ପଡ଼ିଯାଏ, ଅଙ୍ଗୁଳି ସନ୍ଧି ସବୁ ଘା’  ହୋଇଯାଏ । ରାତିରେ କରଞ୍ଜତେଲ ଲଗାଇ- ଦେଲେ ତହିଁ ଆର ଦିନ ସକାଳକୁ କିଛି ନ ଥାଏ । ଖଣ୍ଡେ ଛିଣ୍ଡା କତରା ପାରିଦେଇ ସପ୍ନା ଶୋଇ- ପଡ଼ିଛି । ଚେମୀ ଗୋଡ଼ରେ

ପାଣିଖିଆ ଜାଗା ଆଙ୍ଗୁଳି ସନ୍ଧିମାନଙ୍କରେ କରଞ୍ଜ ତେଲ ଲଗାଇ ଦେଇଛି । ଚେମୀ କଥା ଆରମ୍ଭ କଲା, "ଏ ଖାଉନ୍ଦ! ତମେ ଦେଖ, ଘରେ ଶୋଇପଡ଼ିବାକୁ ଜାଗା ନାହିଁ । ବାଲୁଙ୍ଗା ପାଚିଲାଣି । ମୁଁ କାଲି ସକାଳୁ ଝାଡ଼ିଯିବି । ଆଉ କେଉଁଠି ରଖିବା ? କ'ଣ କରିବା ?"

ସପ୍ନା- ହଁ ଲୋ ବୋଉ! ମୁଁ ସେଇକଥା ଉଛୁଣିକା ମନରେ ପକେଇଥିଲି । ଆଚ୍ଛା, ଧାନ ବିକି ଦେଇ ଟଙ୍କାପଇସା ଆଣି ଘରେ ରଖିବା ।

ଚେମୀ- ନାହିଁ, ଏ ଖାଉନ୍ଦ- ସେ ବଡ଼ ଅଳିଆ କଥା । କେତେ ଧାନକୁ କେତେ ପଇସା ଗଣି ଜାଣିବା ନାହିଁ, ଆଉ ଟଙ୍କାପଇସା ଦେଖିଲେ ଚୋର ଟସ୍କର ଦୁଆରକୁ ଆସିବେ । କେଉଁଠି ପୋତି ପକାଇବା, ଭୁଲିଗଲେ ଗଲା । ମୋ ମା' ଥରେ ଚାରିଟା ପଇସା ପୋତି ପକାଇଥିଲା- ପାଇଲା ନାହିଁ, ଢେର୍ କାନ୍ଦିଲା ।

ସପ୍ନା- ତେବେ ଧାନ ସବୁ ରାମ ମାସନ୍ତ ତନ୍ତୀକୁ ଦେବା, ସେ ତୋ ଲାଗି ଖଣ୍ଡେ ରଙ୍ଗ କସ୍ତାଶାଢ଼ି ବୁଣିଦେବ ।

ଚେମୀ- ନାହିଁ, ଖାଉନ୍ଦ ! ମୁଁ ପିନ୍ଧି ଜାଣିବି ନାହିଁ, ଚିରିଯିବ । ମୁଁ କହୁଛି, ଅଜା ପରିଡ଼ା ସାଆନ୍ତ ଶୀତଦିନେ ଯିମିତିକା କଳା ଅଙ୍ଗା ଲଗାନ୍ତି, ତେମେ ବାଲିସର ହାଟକୁ ଯାଇ ସିମିତିକା ଗୋଟାଏ କିଣିଆଣ । ଶୀତ ହେଲେ ଲଗାଇବ, ସୁନ୍ଦର ଦିଶିବ ।

ସପ୍ନା- ତୁ ନାଲିରଙ୍ଗ ଶାଢ଼ି ପିନ୍ଧିଲେ ସୁନ୍ଦର ଦିଶିବୁ । ଚେମୀ- ତେମେ ଅଙ୍ଗା ଲଗାଇଲେ ସୁନ୍ଦର ଦିଶିବ ।

ଦୁଇଜଣ ଭିତରେ ଢେର୍ ବେଳଯାଏ କଥା ଚଳିଲା । ଶେଷରେ ସପ୍ନା ପ୍ରସ୍ତାବରେ କଥା ସ୍ଥିର ହେଲା, କାବୁଲି ପଠାଣ ଆସିଲେ ତାକୁ ସବୁ ଧାନ ଦେଇ ଗୋଟାଏ ରଙ୍ଗ କମ୍ବଳ କିଣିବେ, ଶୀତଦିନେ ଖଡ଼ିକା ହେଁସ ଘୋଡ଼ି ହେବେ ନାହିଁ । ସେହି କମ୍ବଳ ଘୋଡ଼ି ହେବେ । କଥା ଭାଷା ହେଉଁ ହେଉଁ ଦୁଇଜଣଯାକ ଶୋଇପଡ଼ିଲେଣି ।

ଦିନ ଘଡ଼ିଏ ହେଲାଣି, ଦି' ଜଣଯାକ ଶୋଇଛନ୍ତି । ରୋଜ ରୋଜ ଚେମୀ ଆଗରେ ଉଠେ, ଆଜି ଉଠି ନାହିଁ । ସପ୍ନା କହିଲା "କି ଲୋ ବୋଉ, ତୋ ଦିହ ତାତିଲା ପରି ଲାଗୁଛି; ଜର ହେଲା କିଲୋ ?"

ଚେମୀ- ହଁ, ଦିହଟା କିମିତିକା କସମସ କରୁଛି । ଏ ଖାଉନ୍ଦ, ତମ ଦିହଟା ତାତି ଲାଗୁଛି, ଜର ହେଲା କି ? ଆଲୋ ମା' ଲୋ ! ଆଲୋ ବୋପା ଲୋ ! କ' ଣ କରିବି ଲୋ! ଠାକୁର ହରି ! ମୋ ବାପ ଗାଁ ମଙ୍ଗଳା । ମୋ ଖାଉନ୍ଦକୁ ଭଲ କରିଦେ ।

ସପ୍ନା- ନାହିଁଲୋ ବୋଉ, ଡରନା, ଠାକୁରେ ଭଲ କରିଦେବେ । ତୁ ଯା ପଥିରାନ୍ଧି, ମତେ ମାଣେ ଧାନ ଦେ, ସାଉ ଦୁଆରୁ ରସୁଣ ଘେନିଆସେଁ ।

ଗରମ ଗରମ ପେଜମିଶା ଭାତରେ ପାଣି ଢାଳି ରସୁଣ ଦେଇ ଦୁଇଜଣ ପଥି କଲେ ।

ଚାରିଦିନ ଗଲା, ପାଞ୍ଚଦିନ ସପ୍ନାର ଜର ବଳିପଡ଼ିଲା, ପଥି ଛାଡ଼ିଲା । ଚେମୀର ଜର ଟିକିଏ ଭଲହେଲାଣି । ଚେମୀର ଖାଇବାର ନାହିଁ, ଶୋଇବାର ନାହିଁ । ସପ୍ନାର ତ ବଳେ ନିଦ ନାହିଁ । ଚେମୀ ଗୋଡ଼ତଳେ ବସି ଦିନରାତି ଖାଲି ଠାକୁର ହରି ଆଉ ବାପ ଗାଁ ମଙ୍ଗଳାଙ୍କୁ ଡାକୁଛି । ଚେମୀ ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ । ଖାଉନ୍ଦକୁ କହି ଗାଁ ବୈଦରାଜ ନକୁଳି ନାୟକ ଦ୍ୱାରକୁ ଧାଇଁଲେ । ସେ ଏକୁଟିଆ କେବେ ଘରୁ ବାହାରି ନାହିଁ । ଆଜି ଗାଁ ଗୋହିରି ମଝିବାଟେ ଚାଲିଛି । ଗୋଡ଼ ପୋତି ପଡୁଛି, ଆଖିରେ ପାଣି ଭର୍ତ୍ତି, ବାଟ ଦିଶୁ ନାହିଁ- ବୈଦ୍ୟ ଘରକୁ ଧାଇଁଛି । ଚେମୀ ପାଞ୍ଚ -ଛ' ବର୍ଷ ହେଲା ଶଶୁର ଗାଁକୁ ଆସିଲାଣି, କାହାରି ମୁହଁ ଦେଖି ନାହିଁ, କାହାରିକୁ ଅନାଏ ନାହିଁ, ଖାଉନ୍ଦ ଛଡ଼ା ଆଉ କାହାରି ସାଙ୍ଗରେ କଥା ନାହିଁ । ଠାକୁର ଦେବତାଙ୍କୁ ମନ ମଧରେ ଡାକି ଡାକି ଖୁବ୍ ହେମତ ଧରି ଗଲା । ହେମତ ଧରି ବୈଦରାଜକୁ ସପ୍ନାର ଜର କଥା କହିଲା । ବୈଦ୍ୟ ନକୁଳି ନାୟକେ ବଟୁଆ ଫିଟାଇ ଗୋଟାଏ ଟସର କୁଆ ଭିତରୁ ଚାରିଟା ଜ୍ୱରରାଘବ ବଟିକା କାଢ଼ିଦେଲେ, କହିଲେ,"ତୁ ତ ମହୁ ପାଇବୁ ନାହିଁ, ତୁଳସୀ ରସ, ଜରପାପଡ଼ା ରସ ଗୋଳିଦେଇ ଚାରି ପହରରେ ଚାରିପାନ ଦେବୁ, ଜ୍ୱର ନ ଛାଡ଼ିଲେ ପାଣି ଧରି ଆସିବୁ ।" ଛ' ଦିନ ଜ୍ୱର ବଳିପଡ଼ିଲାଣି । ଚେମୀ ସାଙ୍ଗରେ କଥା ନାହିଁ, କେତେବେଳେ ଗୀତ ଗାଉଛି, ଭାଗବତ ପଦ ପଢୁଛି, ବିଲ କଥା କହୁଛି, ଆଖି ଯୋଡ଼ାକ କୋଚିଆ ରକ୍ତ ପରି ଲାଲ । ଚେମୀ ସାରୁ ପତ୍ରଟାରେ ପାଣି (ଛୁଡ) ଧରି ଖାଉନ୍ଦକୁ କିଛି ନ କହି ବୈଦ୍ୟ ଦୁଆରକୁ ଧାଇଁଲା । ବୈଦ୍ୟରାଜ ଦୂବଘାସ କେରାକରେ ପାଣିରେ ଟୋପାଏ

ତେଲ ପକାଇଲେ, ତେଲ ବୁନ୍ଦା ଧରି ରହିଲା, ମେଲିଲା ନାହିଁ । ରୋଗୀର ବୃତ୍ତାନ୍ତ ସବୁ ଶୁଣି କହିଲେ, "ଘୋର ସନ୍ନିପାତ, କସ୍ତୁରୀ ଭୈରବ ବଟିକା ଲୋଡ଼ା, ଚାରିଟଙ୍କା ଦାମ୍ ଆଣ ।" ଚେମୀର ପାଟି ପ୍ରାୟ ପଡ଼ିଗଲାଣି, ଖୁବ୍ କଷ୍ଟରେ କହିଲା, "ମୁଁ ଟଙ୍କା କାହୁଁ ପାଇବି, ଘରେ ଧାନ ଅଛି, ସବୁ ଆଣିଦେବି ।" ଚେମୀ ଘରକୁ ଧାଇଁ ଧାଇଁ ଆସିଲା, ଖାଉନ୍ଦଙ୍କୁ ଅନାଇଲା, କିଛି କଥା କହିଲା ନାହିଁ । କହିବ କ' ଣ- ଖାଉନ୍ଦ କଥା ଶୁଣୁଛି ନା କହୁଛି, ଖାଲି ଉଠବସ ହେଉଛି, ପାଟି କରୁଛି । ଚେମୀ ପାଛିଆଟିରେ ପାଛିଆଏ ଅମପା ଧାନ ପୂରାଇ କାଖେଇ ବୈଦ୍ୟ ଦ୍ୱାରକୁ ଧାଇଁଲା । ବୈଦ୍ୟ ଆଗରେ ଧାନ କୁଢ଼େଇ ଦେଲା- ଚେମୀ ମା' ବିଭାବେଳେ ଅଢ଼େଇ ମସା ରୁପାର ଗୋଟାଏ ମୁଦି ଦେଇଥିଲା, ଘୋରିଯିବ ବୋଲି ଚେମୀ ସବୁଦିନେ ଲଗାଏ ନାହିଁ, ସେହି ମୁଦିଟା ବୈଦ୍ୟଙ୍କୁ ଦେଲା । ତାଙ୍କ ପାଖରୁ ଔଷଧ ଘେନି ଧାଇଁଛି । ଚେମୀ ଚାରିଦିନ ହେଲା ଟୋପାଏ ପାଣି ମୁହଁରେ ଦେଇ ନାହିଁ, ତା' ଜ୍ୱର ବି ଭଲ ଛାଡ଼ି ନାହିଁ, ଭିତରେ ଭିତରେ ଜ୍ୱର ଅଛି । ସକାଳୁ ଦିନ ଦି' ପ୍ରହର ଯାଏ ଧାଇଁଛି । ଚେମୀ ଘରକୁ ଯାଇ ଦେଖିଲା ସପ୍ନା ପାଟି ଆଁ କରି ପଡ଼ିଯାଇଛି । ଚେମୀ 'ଏ ଠାକୁର ମଙ୍ଗଳା' କହି ସପ୍ନା ଗୋଡ଼ତଳେ ଦୁଲ କରି ପଡ଼ିଗଲା । ସପ୍ନାର ଟିକିଏ ଜ୍ଞାନ ଥିଲା । ଚେମୀ ମୁହଁକୁ ଏକଧ୍ୟାନରେ ଅନାଇଛି । ଦୁହେଁ ଦୁହିଁଙ୍କୁ ଦେଖୁଛନ୍ତି ।

ତହିଁ ଆରଦିନ ଗାଁରେ ଚହଳ ପଡ଼ିଗଲା- ବଗଲା-ବଗୁଲୀର ଜ୍ୱର ହୋଇଥିଲା, ଦୁଇଦିନ ହେଲା ତାଟି ଫିଟି ନାହିଁ, ଗାଁ ଲୋକେ ଧାଇଁଲେ । ସମସ୍ତେ ହାୟ ହାୟ କରୁଛନ୍ତି । ଜମିଦାରବାବୁ ସପ୍ନା ଶଶୁରଗାଁକୁ ଧାଉଡ଼ିଆ ପଠାଇଦେଲେ ।

ଗାଁର ସମସ୍ତ ସ୍ତ୍ରୀ ଚେମୀ ଲାଗି ହାୟ ହାୟ କଲେ, ଯିବାବେଳେ ସମସ୍ତେ ହୁଳହୁଳି ପକାଇଲେ । ଗାଁର ସମସ୍ତଙ୍କ ମୁହଁରେ ଏକ କଥା- ଧନ୍ୟ ଧନ୍ୟ ସ୍ୱାମୀ-ସ୍ତ୍ରୀ ପ୍ରେମ । ନୀଚ କୁଳରେ ବି ଏମନ୍ତ ଧର୍ମ, ଏମନ୍ତ ପ୍ରେମ ଥାଏ !